# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 April – 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତୀ ଏବଂ ହନୁମାନ ଜୟନ୍ତୀ
- ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରକାଶ ପାଇଲା ସାଧାରଣ ନିର୍ବାଚନ ସମ୍ପର୍କିତ ସଂକଳ୍ପ ପତ୍ର

ଏବଂ

- ସମ୍ବିଧାନ ପ୍ରଣେତା ତଥା ସମାଜ ସଂସ୍କାରକ ବାବା ସାହେବ ଆମ୍ବେଦକରଙ୍କର ଜୟନ୍ତୀ ଅବସରରେ ଦେଶବାସୀ ଦେଲେ ବିନମ୍ର ଶ୍ରଦ୍ଧାଞ୍ଜଳି

# ମହାବିଷୁବ ସଂକ୍ରାନ୍ତି

ଆଜି ହେଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତି। ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମଋତୁ ଆଜିଠାରୁ ଆରମ୍ଭ ହେଉଛି। ଆଜିଠାରୁ ସୂର୍ଯ୍ୟଙ୍କ ତାପ ବଢ଼ିଥାଏ ଏବଂ ବାୟୁର ଗତି ମଧ୍ୟ ପ୍ରଖର ହୋଇଥାଏ। ଆଜି ଦିନକୁ ପଣାସଂକ୍ରାନ୍ତି ଭାବେ ମଧ୍ୟ ପାଳନ କରାଯାଇଥାଏ । ଓଡ଼ିଆ ପାଞ୍ଜି ହିସାବରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବେ ପାଳନ କରାଯାଇଥାଏ । ଏହିଦିନଠାରୁ ରାଜ୍ୟରେ ନୂଆ ପାଞ୍ଜି ପ୍ରଚଳନ ଆରମ୍ଭ ହୁଏ।

ରାଜ୍ୟର ଲୋକମାନେ ପଣାସଂକ୍ରାନ୍ତିକୁ ଅତି ନିଷ୍ଠାର ସହ ପାଳନ କରିଥା'ନ୍ତି। ବିଷୁବ ସଂକ୍ରାନ୍ତିରେ ଦଣ୍ଡଯାତ୍ରା, ଚଡ଼କ ପର୍ବ, ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ଏବଂ ପାଟୁଆ ଯାତ୍ରା ଉଦ୍‌ଯାପିତ ହୋଇଥାଏ। ଏହି ଅବସରରେ ଘରେ ଘରେ ଦେବଦେବୀଙ୍କ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଶ୍ରୀଶ୍ରୀହନୁମାନଙ୍କର ମଧ୍ୟ ଆଜି ଜୟନ୍ତୀ। ଅଗ୍ନି ଓ ବାୟୁର ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ପବିତ୍ର ଦିନରେ ପ୍ରଭୁ ହନୁମାନଙ୍କର ପୂଜା କରାଯାଇଥାଏ। ଦେଶରେ ପ୍ରଭୁ ଶ୍ରୀଶ୍ରୀହନୁମାନଙ୍କର ଜୟନ୍ତୀକୁ ଭକ୍ତିଭାବରେ ହନୁମାନ ଚାଳିଶା ପାଠ ସହିତ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ।

ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ଓଡ଼ିଶା ତଥା ଦେଶବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ପଣା ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇ ସମସ୍ତଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି। **ରାଜ୍ୟପାଳ** ରଘୁବର ଦାସ ଏବଂ **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଦିନରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଆ

ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇ **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ 'ବିକଶିତ ଭାରତ, ବିକଶିତ ଓଡ଼ିଶା' ଗଠନ କରିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି।

ପଣାସଂକ୍ରାନ୍ତି ଅବସରରେ ରାଜ୍ୟର ପୁରପଲ୍ଲୀଠାରୁ ଆରମ୍ଭ କରି ସହରର ବିଭିନ୍ନ ଦେବାଳୟଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କର ପୂଜାର୍ଚ୍ଚନା ଭକ୍ତିପୂତ ପରିବେଶ ସୃଷ୍ଟି କରିଛି। **ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ଦେବାଳୟରେ ପବିତ୍ର ମହାବିଷୁବ ସଂକ୍ରାନ୍ତୀ ସହ ଦଣ୍ଡଯାତ୍ରାର ମେରୁ ପର୍ବ ରୀତିନୀତି ଅନୁସାରେ ଅନୁଷ୍ଠିତ ହେଉଛି।

ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଉପଲକ୍ଷେ **ନୟାଗଡ଼** ଜିଲାର ୧୨୧ଟି ଶକ୍ତି ପୀଠ ଏବଂ ଶିବମନ୍ଦିରରେ ଝାମୁଯାତ୍ରା ଆଜି ଉଦ୍‌ଯାପିତ ହେଉଛି। **ସମ୍ବଲପୁର** ସହରର ବିଭିନ୍ନ ପଡାରେ କଡା ସୁରକ୍ଷା ମଧ୍ୟରେ ହନୁମାନ ଜୟନ୍ତି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। କୌଣସି ଅଘଟଣକୁ ରୋକିବା ପାଇଁ ସମ୍ବଲପୁର ସହରରେ ୧୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ଏବଂ ସିଆରପିଏଫ୍ ଯବାନମାନଙ୍କୁ ମୁତୟନ କରାଯାଇଛି।

ହନୁମାନ ଜୟନ୍ତୀ **କୋରାପୁଟ** ଜିଲ୍ଲାର ବିଭିନ୍ନ ପୁରପଲ୍ଲୀରେ ମହା ସମାରୋହରେ ପାଳିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଦାମନଯୋଡୀ, ସୁନାବେଡା, କୋଟପାଡ, ଜୟପୁର ଓ କୋରାପୁଟ ଆଦି ସ୍ଥାନର ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପଣା ଭୋଗ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରବଚନ ଓ ସଂକୀର୍ତ୍ତନର ଆୟୋଜନ ଚାଲିଛି। **ଢେଙ୍କାନାଳ** ଜିଲ୍ଲାରେ ପବିତ୍ର ହନୁମାନ ଜୟନ୍ତୀ ଏବଂ ପୂଜାର୍ଚ୍ଚନା ଚାଲିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। **ମାଲକାନଗିରି** ସହରର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କଳିଙ୍ଗ ସାହିତ୍ୟ ପରିଷଦ ପକ୍ଷରୁ ବିଷୁବ ସାହିତ୍ୟ ଆସର ଓ

ଓଡ଼ିଆ ନବବର୍ଷ ପାଳନ ଅବସରରେ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବର ଆୟୋଜନ କରାଯାଇଛି ।

## ବିଜେପି ସଂକଳ୍ପ ପତ୍ର

ପବିତ୍ର ପଣାସଂକ୍ରାନ୍ତୀ ଅବସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ନିର୍ବାଚନ ସମ୍ପର୍କିତ ସଂକଳ୍ପ ପତ୍ର ଜାରି କରାଯାଇଛି । ଦଳର ବରିଷ୍ଠ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଗୃହମନ୍ତ୍ରୀ ଅମିତ୍ ଶାହା ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍‌ପ୍ରକାଶ ନଡ୍ଡାଙ୍କ ଉପସ୍ଥିତିରେ ନୂଆଦିଲ୍ଲୀର ବିଜେପି ମୁଖ୍ୟାଳୟରେ ସଂକଳ୍ପ ପତ୍ର ଉନ୍ମୋଚନ କରାଯାଇଛି । 'ଏକ ଦେଶ ଏକ ନିର୍ବାଚନ' କରିବା ପାଇଁ ବିଜେପି ସଂକଳ୍ପବଦ୍ଧ ବୋଲି ନିର୍ବାଚନୀ ଘୋଷଣାପତ୍ରରେ କୁହାଯାଇଛି । ମୁଦ୍ରା ଯୋଜନାରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛୋଟ ବ୍ୟବସାୟୀଙ୍କୁ  ଋଣ ଦେବା, ୭୦ ବର୍ଷରୁ ଅଧିକ ବୟସ୍କଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପାଇପ୍ ଯୋଗେ ଘରକୁ ରନ୍ଧନ ଗ୍ୟାସ୍ ଯୋଗାଇଦେବା, ଦେଶର ଗରିବ ଲୋକମାନଙ୍କ ପାଇଁ ଆଉ ଅଧିକ ୩ କୋଟି ଘର ତିଆରି କରିବା ସହିତ ଅନ୍ୟ କେତେକ ପ୍ରସଙ୍ଗକୁ ଦଳ ତାର ଇସ୍ତାହାରରେ ପ୍ରାଥମିକତା ଦେଇଛି । ସଂକଳ୍ପପତ୍ରକୁ ଉନ୍ମୋଚନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅଲିମ୍ପିକ୍ସ ଖେଳ ଭାରତ ଆୟୋଜନ କରିବ । ଦେଶର ହିତ ପାଇଁ ସମାନ ନାଗରିକ ସଂହିତା-ୟୁସିସି ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସଂକଳ୍ପ ପତ୍ରରେ ଯୁବ, ମହିଳା ଏବଂ ଗରିବ ଲୋକମାନଙ୍କର କଲ୍ୟାଣ ପ୍ରତି ଦଳ ପ୍ରାଥମିକତା ଦେଉଥିବା ନେଇ ଉଲ୍ଲେଖ ରହିଛି । ଅନ୍ୟ କେତେକ ଜନହିତକର ଏବଂ ବିକାଶମୂଳକ

ପ୍ରସଙ୍ଗ ସହିତ ବନ୍ଦେ ଭାରତ ମେଟ୍ରୋ ଟ୍ରେନ୍  ଦେଶର ଉତ୍ତର, ଦକ୍ଷିଣ ଓ ପୂର୍ବ ଭାଗରେ ବୁଲେଟ୍ ଟ୍ରେନ୍ ଚଳାଚଳ କରିବା ନେଇ ଇସ୍ତାହାରରେ କୁହାଯାଇଛି।

## ପ୍ରସାରଣ ସମୟ ପରିବର୍ତ୍ତନ

ଆଗାମୀ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଆକାଶବାଣୀ ଜରିଆରେ ସେମାନଙ୍କର ଦଳର ଆଭିମୁଖ୍ୟ ସମ୍ବନ୍ଧରେ ପ୍ରସାରଣ କରାଯାଉଛି। ସେଥିପାଇଁ ଆସନ୍ତାକାଲି ମଧ୍ୟାହ୍ନ ଆଂଚଳିକ ସମ୍ବାଦ ସମୟରେ ପରିବର୍ତ୍ତନ କରାଯାଇଛି। ଦିନ ୨ଟା ୩୨ ମିନିଟ୍‌ରେ ପ୍ରସାରିତ ହେଉଥିବା ଆଂଚଳିକ ସମ୍ବାଦ ଅପରାହ୍ଣ ୪ଟାରେ ପ୍ରସାରଣ କରାଯିବ।

## ଆମ୍ବେଦ୍‌କର ଜୟନ୍ତୀ

ଭାରତୀୟ ସମ୍ବିଧାନର ପ୍ରଣେତା, ସମାନତାର ସମର୍ଥକ ତଥା ମହାନ ସମାଜ ସୁଧାରକ ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଆଜି ୧୩୪ତମ ଜୟନ୍ତୀ । ୧୮୯୧ ମସିହା ଆଜିର ଦିନରେ ବାବାସାହେବ ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିଲେ । ବାବାସାହେବଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଦେଶରେ ଲାଗୁ ହୋଇଥିଲା । ଡକ୍ଟର ଆମ୍ବେଦକର ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଥିଲେ । ଦଳିତ ଏବଂ ପଛୁଆବର୍ଗର ଲୋକମାନଙ୍କର ସ୍ୱାର୍ଥରକ୍ଷା ଏବଂ ସ୍ୱାଭିମାନ ପାଇଁ ବାବାସାହେବଙ୍କର ଅବଦାନ ଅତୁଳନୀୟ । ଏହି ମହାନ୍ ନେତାଙ୍କର ଦେଶପ୍ରେମ ଏବଂ ପଛୁଆବର୍ଗର ଲୋକମାନଙ୍କର ଉତ୍‌ଥାନ ପାଇଁ ନେଇଥିବା ବଳିଷ୍ଠ ପଦକ୍ଷେପସ୍ୱରୂପ ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ଦେଶ ଏବଂ ରାଜ୍ୟର ସବୁ ସ୍ତରରେ ଆଜି ବାବାସାହେବଙ୍କର ଜୟନ୍ତୀ ପାଳନ କରାଯାଉଛି ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ପାର୍ଲାମେଣ୍ଟ ପରିସରରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଆଜି ସକାଳେ ମାଲ୍ୟାର୍ପଣ କରିଛନ୍ତି। **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଡକ୍ଟର ଆମ୍ବେଦକରଙ୍କ ସ୍ମୃତିଚାରଣ କରି ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ମଧ୍ୟ ସେୟାର କରିଛନ୍ତି।

**ରାଜ୍ୟପାଳ** ରଘୁବର ଦାସ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଭାରତରତ୍ନ ବାବା ସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ସାମାଜିକ ସମରସତା ଓ ସମାନତାର ବାର୍ତ୍ତା ସମସ୍ତ ଭାରତବାସୀଙ୍କୁ ସର୍ବଦା ପ୍ରେରଣା ଦେଉଥିବ।

ସମ୍ବିଧାନ ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ପ୍ରତି ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ କହିଛନ୍ତି, ବାବା ସାହେବ ଜଣେ ଦୂରଦୃଷ୍ଟି ସମ୍ପନ୍ନ ନେତା ଯିଏ ବଞ୍ଚିତ ବର୍ଗର ଉନ୍ନତି ଦିଗରେ କାର୍ଯ୍ୟ କରିଥିଲେ।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ବାବା ସାହେବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଆମକୁ ନ୍ୟାୟ ଓ ସମାନତା ଉପରେ ଆଧାରିତ ଏକ ଏଭଳି ସର୍ବସମାବେଶୀ ଓ ପ୍ରଗତିଶୀଳ ସମ୍ବିଧାନ ପ୍ରଦାନ କରିବାରେ ଡକ୍ଟର ଆମ୍ବେଦକରଙ୍କର ଅବଦାନ ଅତୁଳନୀୟ। ଏକ ଶ୍ରେଷ୍ଠ, ଶିକ୍ଷିତ, କୁଶଳୀ ଓ ବିକଶିତ ଭାରତ ଗଠନ ହୋଇପାରିଲେ ବାବାସାହେବଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ମିଳିପାରିବ।

ରାଜ୍ୟ ରାଜଧାନୀ ଏବଂ ସମସ୍ତ ଜିଲ୍ଲା ସଦର ମହକୁମାରେ ବାବା ସାହେବ ଆମ୍ବେଦକରଙ୍କର ଜୟନ୍ତୀ ସରକାରୀ ସ୍ତରରେ ପାଳିତ ହୋଇଯାଇଛି। ଆମ୍ବେଦକର ଏବଂ ତାଙ୍କ ଆଦର୍ଶ, ଚିନ୍ତାଧାରା ପର୍ଯ୍ୟବେଶିତ

ବିଭିନ୍ନ କାର୍ଯ୍ୟକ୍ରମମାନ ବିଭିନ୍ନ ସ୍ତରରେ ଆୟୋଜନ କରାଯାଉଥିବା ସମ୍ବାଦ ଆମର ହସ୍ତଗତ ହୋଇଛି ।

**ରାୟଗଡ଼ା** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାବା ସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହିତ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

**ସୁବର୍ଣ୍ଣପୁର** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବା ନେଇ ଡକ୍ଟର ଆମ୍ବେଦକରଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା ।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାଠାରେ ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

**ସମ୍ବଲପୁର** ସହରର ବିଭିନ୍ନ ସଂଗଠନ ପକ୍ଷରୁ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତି ପାଳନ କରାଯାଉଛି । ସହରର ମୋଦୀପଡା ଛକରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ଜନତାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଛନ୍ତି । **ଭଦ୍ରକ** ଜିଲ୍ଲା ସଂସ୍କୃତି ଭବନରେ ବାବା ସାହେବଙ୍କ ଜୀବନ ଓ ଆଦର୍ଶ ଉପରେ ହୋଇଥିବା ଏକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ବାବା ସାହେବଙ୍କୁ ସାଧାରଣ ନାଗରିକ ଏବଂ ବରିଷ୍ଠ ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ ।

**ମାଲକାନଗିରି** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବାବା ସାହେବଙ୍କ ଜୟନ୍ତୀ ଅବସରରେ ବସ୍‌ଷ୍ଟାଣ୍ଡଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ

ଲୋକମାନେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ନେଇ ମାଲକାନଗିରି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା ।

## ଆୟକର ରିଟର୍ଣ୍ଣ

ଯେଉଁ ବ୍ୟକ୍ତି ଏବଂ ସଂସ୍ଥା ଆୟକର ରିଟର୍ଣ୍ଣ ଫାଇଲ୍ କରିବା ପାଇଁ ଯୋଗ୍ୟ ମାତ୍ର ରିଟର୍ଣ୍ଣ ଫାଇଲ୍ କରୁନାହାନ୍ତି, ସେମାନଙ୍କୁ ରିଟର୍ଣ୍ଣ ଫାଇଲ୍ କରିବା ପାଇଁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ- ସିବିଡିଟି ପକ୍ଷରୁ ପଦକ୍ଷେପ ନିଆଯାଉଛି । ଆୟକର ବିଭାଗର ସୂଚନା ଅନୁସାରେ, ଦେଶର ୧ କୋଟି ୫୨ ଲକ୍ଷ ଲୋକଙ୍କୁ ଚିହ୍ନଟ କରାଯାଇଛି । ସେମାନେ ଯେପରି ଆୟକର ରିଟର୍ଣ୍ଣ ଦାଖଲ କରିବେ ସେଥିନିମନ୍ତେ ସିବିଡିଟି ପକ୍ଷରୁ ଆସନ୍ତାକାଲି ସୁଦ୍ଧା ଯୋଗାଯୋଗ କରିବା ପାଇଁ ଚେଷ୍ଟା ଚାଲିଛି । ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ୮ କୋଟି ୯୦ ଲକ୍ଷ ଟିକସଦାତାଙ୍କ ମଧ୍ୟରୁ ୭ କୋଟି ୪୦ ଲକ୍ଷ ଟିକସଦାତା ରିଟର୍ଣ୍ଣ ଫାଇଲ୍ କରିଥିଲେ । ଟିଡିଏସ୍ କଟୁଥିଲେ ମଧ୍ୟ ୧୯ ଦଶମିକ ୭ ନିୟୁତ ଲୋକ ଆୟକର ରିଟ୍ର୍ଣ୍ଣ ଫାଇଲ୍ କରୁ ନଥିବା ଜଣାପଡିଛି ।

## ଦୁର୍ଘଟଣା

ଭଦ୍ରକରୁ ପଶ୍ଚିମବଙ୍ଗ ଖଡଗପୁର ଅଭିମୁଖେ ଯାଉଥିବା ଏକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୩ ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପ୍ରାଥମିକ ସୂଚନାରୁ ଜଣାପଡିଛି, ମୃତାହତ ବ୍ୟକ୍ତିମାନେ ହେଉଛନ୍ତି ଗୋଟିଏ ପରିବାରର । କାର୍‌ଟି ଅତି କ୍ଷୀପ୍ର ଗତିରେ ଯାଉଥିବା ସମୟରେ ଭଦ୍ରକ ୧୬

ନମ୍ବର ଜାତୀୟ ରାଜପଥର ଯଶଟିକିରି ଛକ ନିକଟରେ ଏକ ଡିଭାଇଡରରେ ଧକ୍କା ହେବାରୁ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ ବାପ ଏବଂ ଝିଅଙ୍କର ମୃତ୍ୟୁ ହୋଇଥିବାବେଳେ ଗାଡିର ଡ୍ରାଇଭର ମୃତକଙ୍କ ମାଆ ଓ ପତ୍ନୀ ଗୁରୁତର ଆହତ ହୋଇଛନ୍ତି ।

## ସଚେତନ ରଥର ଶୁଭାରମ୍ଭ

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନ ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଭବାନୀପାଟଣା ସହର ପରିକ୍ରମା କରିଥିଲା ।

*******************************